# ସମୟ କହେ ମୁଁ ଠିକ୍ ଠିକ୍



ଘଣ୍ଟାର କେତୋଟି କଣ୍ଟା ରହିଛି ?

ଛୋଟ କଣ୍ଟାଟି ଘଣ୍ଟା କଣ୍ଟା ।

ସରୁ କଣ୍ଟାଟି ସେକେଣ୍ଡ କଣ୍ଟା ।

ମୋଟା ବଡ଼ କଣ୍ଟାଟି ମିନିଟ୍ କଣ୍ଟା ।

ମିନିଟ୍ କଣ୍ଟା ଥରଟିଏ ପୂରା ଘୂରିଲେ କେତୋଟି ଛୋଟ ଘର ଦେଇ ଯାଏ ?

ସେହି ସମୟରେ ଘଣ୍ଟା କଣ୍ଟା ଗୋଟିଏ ଘଣ୍ଟା ଆଗକୁ ଯାଏ ।

ଲକ୍ଷ୍ୟକର -

ସେକେଣ୍ଡ କଣ୍ଟାଟି ୬୦ଟି ଛୋଟ ଘର ବୁଲି ଆସିଲେ ମିନିଟ୍ କଣ୍ଟା ଗୋଟିଏ ଛୋଟ ଘର ଆଗକୁ ଯାଏ ।

**୧ ମିନିଟ୍ = ୬୦ ସେକେଣ୍ଡ**



ତୁମ ନିଜ ପସନ୍ଦର ଘଡ଼ି ବାଛ ।





ଆମେ ତିନିହେଁ ଗୋଟିଏ ସଂଖ୍ୟା ।

ଶୂନ୍ୟସ୍ଥାନ ପୂରଣ କର ।

| | | |
|---|---|---|
| 1<br>୧ I | 2<br>୨ II | 3<br>୩ III |
| 4<br>○ ○ | 5<br>○ ○ | 6<br>○ ○ |

● ନିଜେ ଲେଖ ।

| | | | | | | | | | | | |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| — | — | 3 | — | — | — | 7 | — | — | — | — | 12 |
| — | — | — | — | V | — | — | — | IX | — | — | XII |

ଲକ୍ଷ୍ୟକର :



ଘଣ୍ଟାଟିରେ ୧୨ଟି ସଂଖ୍ୟା ଲେଖାଅଛି ।
ମିନିଟ୍ କଣ୍ଟା ୧୨ ଉପରେ,
ଘଣ୍ଟା କଣ୍ଟା ୯ ଉପରେ,
ସମୟ ୯ଟା ।

● ଘଣ୍ଟା ଛବି ଦେଖି ସମୟ କହ ।



ପିଲାଟି ଭୋର________ଟା ସମୟରେ ଉଠିଥାଏ ।





ପିଲାଟି _________ଟା ସମୟରେ ଜଳଖିଆ ଖାଏ ।





ପିଲାଟି _________ଟା ସମୟରେ ସ୍କୁଲ ଯାଏ ।





ପିଲାଟି ______ଟା ସମୟରେ ମଧ୍ୟାହ୍ନ ଭୋଜନ କରେ ।



- କେଉଁ ଘଣ୍ଟାରେ କେତେ ସମୟ ହୋଇଛି ଡାହାଣ ପଟେ ଲେଖା ଯାଇଥିବା ସମୟ ସହିତ ଗାର ଟାଣି ଯୋଡ଼ ।



ଛଅଟା



ଆଠଟା



ଏଗାରଟା



ସାତଟା



ପାଞ୍ଚଟା

- ଅଙ୍କା ହୋଇଥିବା ଘଣ୍ଟାରେ କଣ୍ଟା ବସାଅ ।

ସମୟ ୨ଟା



ସମୟ ୪ଟା



ସମୟ ୧୦ ଟା



ସମୟ ୧୨ଟା



ଲକ୍ଷ୍ୟ କର :



ମିନିଟ୍ କଣ୍ଟା ୬ ଉପରେ,

ଘଣ୍ଟା କଣ୍ଟା ୮ ଓ ୯ ମଧ୍ୟରେ,

ସମୟ ୮ଘ. ୩୦ ମିନିଟ୍ ।

ଏହାକୁ ସାଢ଼େ ଆଠଟା ମଧ୍ୟ କୁହାଯାଏ ।

● ଘଣ୍ଟା ଛବି ଦେଖି ସମୟ କହ ।



________. ଟା ________ମିନିଟ୍



________. ଟା ________ମିନିଟ୍



________. ଟା ________ମିନିଟ୍



________. ଟା ________ମିନିଟ୍

● ସମୟ ଦେଖି ଘଣ୍ଟା କଣ୍ଟା ଓ ମିନିଟ୍ କଣ୍ଟା ଚିତ୍ର କର ।

ସମୟ ୭ଟା



ସମୟ ୧୧ଟା



ସମୟ ୯ଟା ୩୦ ମି.



ସମୟ ୫ଟା ୩୦ମି.



ସମୟ ୭ଟା ୩୦ ମି.



ସମୟ ୧୨ଟ ୩୦ମି





ଘଣ୍ଟା କଣ୍ଟା ପ୍ରାୟ ୮ ଉପରେ

ମିନିଟ୍ କଣ୍ଟା ୧ ଉପରେ

ସମୟ : ୮ ଟା ୫ ମିନିଟ୍



ଘଣ୍ଟା କଣ୍ଟା ପ୍ରାୟ ୧୦ ଓ ୧୧ ମଧ୍ୟରେ

ମିନିଟ୍ କଣ୍ଟା ୩ ଉପରେ

ସମୟ ୧୦ଟା ୧୫ ମିନିଟ୍



ଘଣ୍ଟା କଣ୍ଟା ପ୍ରାୟ ୧୨ ଓ ୧ ମଧ୍ୟରେ

ମିନିଟ୍ କଣ୍ଟା ୫ ଉପରେ

ସମୟ ୧୨ଟା ୨୫ ମିନିଟ୍



ଘଣ୍ଟା କଣ୍ଟା ପ୍ରାୟ ୫ ଓ ୬ ମଧ୍ୟରେ

ମିନିଟ୍ କଣ୍ଟା ୯ ଉପରେ

ସମୟ ୫ଟା ୪୫ ମିନିଟ୍

● ଘଣ୍ଟା ଚିତ୍ରରେ ଘଣ୍ଟା କଣ୍ଟା ଓ ମିନିଟ୍ କଣ୍ଟାର ଚିତ୍ର ଆଙ୍କି ନିମ୍ନ ସମୟଗୁଡ଼ିକୁ ଦେଖାଅ ।



ଘ ୮ଟା ୨୦ ମିନିଟ୍



ଘ ୭ଟା ୦୫ ମିନିଟ୍



ଘ ୩ଟା ୨୫ ମିନିଟ୍

## ଦୁଇ ପ୍ରକାରର ସମୟ ଗଣନା



ଘ ୮ଟା ୩୫ ମିନିଟ୍ ବା
୯ଟା ବାଜିବାକୁ ୨୫ ମିନିଟ୍ ଅଛି



ଘ ୧୦ଟା ୪୦ ମିନିଟ୍ ବା
୧୧ ଟା ବାଜିବାକୁ ୨୦ ମିନିଟ ବାକି

● ପ୍ରତ୍ୟେକ ଘଣ୍ଟା ତଳେ ସମୟ ଦୁଇ ପ୍ରକାରରେ ଲେଖ ।









- ତୁମେ ବସ୍‌ରେ ୪ଘଣ୍ଟା ଓ ରିକ୍ସାରେ ୩ଘଣ୍ଟା ବସିଲ। ମୋଟ କେତେ ସମୟ ବସିଲ ?

| | | |
|---|---|---|
| ବସରେ ବସିଲ | ୪ ଘଣ୍ଟା | |
| ରିକ୍ସାରେ ବସିଲ | ୩ ଘଣ୍ଟା | ୪ ଘଣ୍ଟା + ୩ ଘଣ୍ଟା = ୭ ଘଣ୍ଟା |
| ମୋଟ ସମୟ | ୭ ଘଣ୍ଟା | |

- ଜଣେ ଶ୍ରମିକ ସକାଳେ ୩ ଘଣ୍ଟା ୧୫ ମିନିଟ୍ ଓ ଉପରବେଳା ୨ ଘଣ୍ଟା ୩୦ ମିନିଟ୍ କାମ କଲା। ସେ ଦିନକୁ ମୋଟ କେତେ ସମୟ କାମ କଲା ?

| | |
|---|---|
| ସକାଳେ କାମ କରିବାର ସମୟ | ୩ ଘଣ୍ଟା ୧୫ ମିନିଟ୍ |
| ଉପରବେଳା କାମ କରିବାର ସମୟ | ୨ ଘଣ୍ଟା ୩୦ ମିନିଟ୍ |
| ମୋଟ କାମ କରିବାର ସମୟ | ୫ ଘଣ୍ଟା ୪୫ ମିନିଟ୍ |

**ସମୟର ଯୋଗ ବେଳେ ଘଣ୍ଟାକୁ ଘଣ୍ଟା ସହ ଓ ମିନିଟକୁ ମିନିଟ୍ ସହ ଯୋଗ କରାଯାଏ।**

## ଯୋଗ କର

| ଘଣ୍ଟା | ମିନିଟ୍ | ଘଣ୍ଟା | ମିନିଟ୍ | ଘଣ୍ଟା | ମିନିଟ୍ |
|---|---|---|---|---|---|
| ୫ | ୩୦ | ୧୨ | ୨୫ | ୧୩ | ୪୫ |
| +୬ | ୨୫ | + ୭ | ୦୮ | + ୨ | ୧୨ |
| | | | | | |

- ଖାଉଟି ଦୋକାନ ସକାଳେ ୨ ଘଣ୍ଟା ୧୦ ମିନିଟ୍ ଓ ଉପରବେଳା ୨ ଘଣ୍ଟା ୪୫ ମିନିଟ୍ ଖୋଲା ରହେ। ଦିନକୁ କେତେ ସମୟ ଦୋକାନ ଖୋଲା ରହେ ?

| | |
|---|---|
| ସକାଳେ ଖୋଲା ରହେ | ୨ ଘଣ୍ଟା ୧୦ ମିନିଟ୍ |
| ଉପରବେଳା ଖୋଲା ରହେ | ୨ ଘଣ୍ଟା ୪୫ ମିନିଟ୍ |
| ମୋଟ୍ ଖୋଲା ରହେ | |

- ରେଳରେ ଗଲେ ଭୁବନେଶ୍ୱରରୁ ରାୟଗଡ଼ା ୧୦ ଘଣ୍ଟା ୧୦ ମିନିଟ୍ ଲାଗେ । ରାୟଗଡ଼ାରୁ କୋରାପୁଟ ୪ ଘଣ୍ଟା ୧୦ ମିନିଟ୍ ସମୟ ଲାଗେ। ଭୁବନେଶ୍ୱରରୁ ରାୟଗଡ଼ା ଦେଇ କୋରାପୁଟ ଯିବାକୁ ମୋଟ କେତେ ସମୟ ଲାଗେ ?

- ତୁମ ଅଞ୍ଚଳରେ ସକାଳେ ୨ ଘଣ୍ଟା ୧୫ ମିନିଟ ଓ ରାତିରେ ୧ଘଣ୍ଟା ୧୦ ମିନିଟ ବିଦ୍ୟୁତ କାଟ ହୁଏ। ଦିନକୁ ମୋଟ କେତେ ସମୟ ବିଦ୍ୟୁତ କାଟ ହୁଏ ?

- ତୁମେ ଘରେ ସକାଳେ ୨ ଘଣ୍ଟା ଓ ରାତିରେ ୧ ଘଣ୍ଟା ୩୦ ମିନିଟ୍ ପାଠ ପଢ଼। ତୁମେ ମୋଟ କେତେ ସମୟ ପାଠ ପଢ଼ ?

# ଅଭ୍ୟାସ

୧. ଠେକୁଆ ମାଇଲ ଖୁଣ୍ଟରେ ପହଞ୍ଚିବାକୁ କେତେ ସମୟ ଲାଗିବ ?



୨. ପିଲାଟି କେତେ ସମୟ ପରେ ଘରେ ପହଞ୍ଚିଲା ?



୩. ପିଲାଟି କେତେ ସମୟ ଖେଳିଲା ?



କାହା ପରେ କ'ଣ ?



ମା' - ଅର୍ଚ୍ଚିତା, ତୁମେ ଅଟା, ଲୁଣ, ପାଣି ଆଉ ବେଲାଟିଏ ଆଣ ।

ଅର୍ଚ୍ଚିତା - ମା', ଅଟା ଚକଟିବ କି ?

ମା'- ହଁ ।



ଅଟା ଚକଟି ସାରି ମା' କହିଲେ, "ଅର୍ଚ୍ଚିତା, ବେଲଣା ପଟା ଆଉ ବେଲଣା କାଠିଟି ଆଣିଲୁ ।"

ଅର୍ଚ୍ଚିତା କହିଲା, "ମା', ବେଲଣା ପଟାରେ ଅଟାକୁ ବେଲି ରୁଟି ତିଆରି କରିବ କି ?"

ମା' - ହଁ ।

ମା' ରୁଟି ତିଆରି କଲେ ।

ତା ପରେ ମା' ଅର୍ଚ୍ଚିତାକୁ କହିଲେ -



"ତୁମେ ଏବେ ପଲମ, ପିଠାଖଡ଼ିକା ଓ ରୁଟିସେକାକୁ ଚୁଲି ପାଖକୁ ନେଇ ଆସ ।"

ଏହା ଶୁଣି ଅର୍ଚ୍ଚିତା କହିଲା -"ମା', ମୁଁ ଜାଣିଛି, ଏହା ପରେ ତୁମେ ରୁଟି ସେକିବ ।"

ମା' ଖୁସି ହୋଇ କହିଲେ, "ରୁଟି ତିଆରିରେ କାହା ପରେ କ'ଣ ହୁଏ ତୁମେ ଠିକ୍ ଜାଣିଛ ।"



ଏବେ କହ - ଏହା ପରେ କ'ଣ ହେବ ?

ଅର୍ଚ୍ଚିତା ଡେଇଁ ପଡ଼ି କହିଲା– ଆମେ ସମସ୍ତେ ଏକାଠି ଖାଇବା ।

- କେଉଁ ଚିତ୍ରରେ କ'ଣ ହେଉଛି ଚିତ୍ର ଦେଖି କହ -



ଚିତ୍ର ଦେଖି କେଉଁ କାମ ପରେ କେଉଁ କାମ ହୋଇଛି, ୧,୨,୩ ଓ ୪ ଦେଇ ସେଗୁଡ଼ିକୁ ଚିହ୍ନାଅ ।

- ତୁମେ ଏହି ଭଳି ବିଭିନ୍ନ ସୋପାନରେ ହେଉଥିବା କାମଗୁଡ଼ିଏ ଲେଖି କାମର କ୍ରମଟି ଲେଖ ।

| | କାମର ନାମ | କେଉଁ କ୍ରମରେ କାମ ହେବ । |
|---|---|---|
| ୧ | ଦାନ୍ତ ଘଷିବା | |
| ୨ | ପାଠ ପଢ଼ିବା | |
| ୩ | ଲୁଗା ସଫା କରିବା | |